BHUBANESWAR, FRIDAY JULY 29, 2022; PAGES 12 ₹4
the pioneer
www.dailypioneer.com

# CUO REMEMBERS EX-VC RAMABRAHMAM



Koraput: The Central University of Odisha (CUO) Koraput paid rich tribute to its former Vice-Chancellor Prof I Ramabrahmam at its campus on the occasion of his first death anniversary. Along with staffs, Vice-Chancellor Prof SK Palita garlanded the portrait of Prof Ramabrahmam. A meeting was held under the chairmanship of Prof Palita, who said, "Prof Ramabrahmam was a man of action, a true leader, a prominent educationist and a great social thinker and policymaker and tried his best to develop this university during his short tenure."

ସକାଳ
THE SAKALA
Jeypore - 29 Jul 2022 - Page 12

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିଙ୍କୁ ଶ୍ରଦ୍ଧାଞ୍ଜଳି

**କୋରାପୁଟ, ୨୮।୭ (ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଇ ରାମବ୍ରହ୍ମମଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା, କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ବିତ୍ତ ଅଧିକାରୀ କେ. କୋଶଲା ରାଓ ଏବଂ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସ୍ୱର୍ଗତ କୂଳପତି ପ୍ରଫେସର ରାମବ୍ରହ୍ମମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଭାରପ୍ରାପ୍ତ କୁଳପତି ପ୍ରଫେସର ପଲିତାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ରାମବ୍ରହ୍ମମ୍ ଏକାଧାରରେ ଜଣେ ବିଦ୍ୱାନ ବିଶିଷ୍ଟ ଶିକ୍ଷାବିତ୍, ଜଣେ କର୍ମନିଷ୍ଠ କୁଳପତି, ଜଣେ ମହାନ ସାମାଜିକ ଚିନ୍ତକ ଏବଂ ନୀତି ନିର୍ମାତା ଥିଲେ । ସେ ତାଙ୍କ ସ୍ୱଳ୍ପ ସମୟ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ । ସେନେଇ ଅନେକ ଯୋଜନା ପ୍ରସ୍ତୁତ କରିଥିଲେ । ବିଶ୍ୱବିଦ୍ୟାଳୟର ବିକାଶ ଦିଗରେ ଆମର କଠିନ ପରିଶ୍ରମ ପ୍ରଫେସର ରାମବ୍ରହ୍ମମଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରଫେସର ଶ୍ରୀ ପଲିତା କହିଛନ୍ତି । କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ଡିଏସଡବ୍ଲୁଆଇସି ଡ. ରମେନ୍ଦ୍ର କୁମାର ପାଢ଼ି, ସମାଜତତ୍ତ୍ୱ ବିଭାଗର ମୁଖ୍ୟ ଡ. କପିଳ ଖେମୁଣ୍ଡୁ, ଅର୍ଥନୀତି ବିଭାଗର ମୁଖ୍ୟ ଡ. ମିନତି ସାହୁ, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଓଆଇସି ସୁଧାକର ପଟ୍ଟନାୟକ ପ୍ରମୁଖ ପୂର୍ବତନ କୁଳପତି ପ୍ରଫେସର ରାମବ୍ରହ୍ମମଙ୍କ ସ୍ମୃତି ଚାରଣ କରିଥିଲେ । ସୂଚନାଯୋଗ୍ୟ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ରାମବ୍ରହ୍ମମ୍ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୬ ଡିସେମ୍ବର ୨୦୧୯ରେ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ଯୋଗ ଦେଇଥିଲେ ଏବଂ ୨୮ ଜୁଲାଇ ୨୦୨୧ରେ ତାଙ୍କର ଦେହାନ୍ତ ହୋଇଥିଲା ।

